## ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟପାହ୍ୟା ଦାବିରେ ପଦଯାତ୍ରା

ଖଣ୍ଡପଡା,(ସ୍ୱ.ପ୍ର): ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟପାହ୍ୟା ଦାବିରେ ଜଗତ୍‌ସିଂହପୁର ଜିଲା ବାଲିକୁଦା ବ୍ଲକର ସତ୍ୟବ୍ରତ ଦାଶ ରାଜ୍ୟବ୍ୟାପୀ ସତ୍ୟାଗ୍ରହ ପଦଯାତ୍ରା ଆରମ୍ଭ କରିଛନ୍ତି। ୨୦୧୯ ଜୁଲାଇ ୧୦ରୁ ଯାଜପୁର ଜିଲା ବଡଚଣା ବ୍ଲକରୁ ସେ ପଦଯାତ୍ରା ଆରମ୍ଭ କରିଥିଲେ। ସେ ନୟାଗଡ ଜିଲା ଖଣ୍ଡପଡା ବ୍ଲକ ଅଞ୍ଚଳରେ ସୋମବାର ପୂର୍ବାହ୍ନରେ ପହଞ୍ଚିବା ପରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ପରେ ସେ ବ୍ଲକକୁ ଯାଇ ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ଦାବିରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ବିଡିଓଙ୍କୁ ପ୍ରଦାନ କରିଥିଲେ।

**ସଂକ୍ଷେପରେ**

### କ୍ରଶର ମାଲିକଙ୍କୁ ଆକ୍ରମଣ ଘଟଣାରେ ୪ ଗିରଫ

**ଧର୍ମଶାଳା, ୯।୧୧ (ଡି.ଏନ.ଏ.):** ଜେନାପୁର ଥାନା ମହିସରା ପଞ୍ଚାୟତ ରମ୍ଭେଇ ଗ୍ରାମରେ ଗୁରୁବାର ରାତିରେ ଜଣେ କ୍ରଶର ମାଲିକଙ୍କୁ ଆକ୍ରମଣ ଘଟଣାରେ ପୋଲିସ ୪ ଅଭିଯୁକ୍ତଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ସ୍ଥାନୀୟ ରମ୍ଭେଇ ଗ୍ରାମର ଦୁଃଶାସନ ସାହୁ, ଦୁର୍ଯୋଧନ ସାହୁ, ଦୀପକ କୁମାର ନାୟକ ଓ ଗୋପାଳ ପାଢ଼ୀ। ସୂଚନା ମୁତାବକ ରମ୍ଭେଇ ଗ୍ରାମ ନିକଟ ରାହାଡପୁରଠାରେ ଥିବା କ୍ରଶର ମାଲିକ ଶଶିକାନ୍ତ ସାମଲ ଗୁରୁବାର ରାତିରେ କର୍ମଚାରୀଙ୍କ ସହ ଘରକୁ ଫେରୁଥିଲେ। ଏହି ସମୟରେ ଚାନ୍ଦା ଆଦାୟକୁ କେନ୍ଦ୍ର କରି ସ୍ଥାନୀୟ ଗ୍ରାମର କେତେଜଣ ଯୁବକ ତାଙ୍କୁ ଆକ୍ରମଣ କରିଥିଲେ। କୌଣସିମତେ ଶଶିକାନ୍ତ ଓ ଅନ୍ୟମାନେ ଜୀବନ ବଞ୍ଚାଇ କାର୍ ଛାଡି ପଳାଇଆସିଥିଲେ। ସମ୍ପୃକ୍ତ ଯୁବକମାନେ କାର୍ ଦୁଇଟିକୁ ଭଙ୍ଗାରୁଜା କରିଥିଲେ। ଏ ସମ୍ପର୍କରେ ଶଶୀକାନ୍ତ ଜେନାପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (୩୬୨/୨୦) ରୁଜୁ କରି ତଦନ୍ତ ଚଳାଇଥିଲା । ଉପରୋକ୍ତ ୪ ଅଭିଯୁକ୍ତଙ୍କୁ ଗିରଫ ପରେ ଚଣ୍ଡିଖୋଲ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ଆଶିଷ କୁମାର ସାହୁ ସୂଚନା ଦେଇଛନ୍ତି।

### ସ୍କାଉଟ୍ ଗାଇଡ୍ ପ୍ରତିଷ୍ଠା ଦିବସ

**ଜଗତ୍‌ସିଂହପୁର ଅଫିସ, ୯।୧୧:** ଜଗତ୍‌ସିଂହପୁରସ୍ଥିତ ଏନ୍‌ଜେଡବ୍ଲ୍ୟୁ ଓପନ୍ ୟୁନିଟ ପକ୍ଷରୁ କୋଭିଡ୍ କଟକଣା ମଧ୍ୟରେ ଭାରତ ସ୍କାଉଟ୍ ଓ ଗାଇଡ୍ ପ୍ରତିଷ୍ଠା ଦିବସ ସୋମବାର ପାଳିତ ହୋଇଯାଇଛି । ଏହି ଅବସରରେ ପ୍ରଥମେ ପତାକା ଉତ୍ତୋଳନ ଓ ପରେ ମନ୍ଦିର ପରିସର ସଫେଇ, ବୃକ୍ଷରୋପଣ, କରୋନା ସଚେତନତା, ମାସ୍କ ଓ ସାନିଟାଇଜର ବଣ୍ଟନ ଆଦି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଏଥିରେ ଜିଲା ସ୍କାଉଟ୍ କମିଶନର ଶରତ ଚନ୍ଦ୍ର ବାରିକ, ଉପଦେଷ୍ଟା ପ୍ରତାପ କୁମାର ରାଉତରାୟ, ଅତୁଲ ବିକ୍ରମ ପ୍ରଧାନ, ହରେକୃଷ୍ଣ ଲେଙ୍କା, ଅମୂଲ୍ୟ ମିଶ୍ର, ସସ୍ମିତା ଶତପଥୀ ପ୍ରମୁଖ ଯୋଗଦେଇ ଉପସ୍ଥିତ ରୋଭର ଓ ରେଞ୍ଜରମାନଙ୍କୁ ଉତ୍ସାହିତ କରିଥିଲେ । ଅନୁଷ୍ଠାନକୁ ସବୁବେଳେ ବଞ୍ଚାଇ ରଖିବା ପାଇଁ ରୋଭର୍ ମନୋରଞ୍ଜନ ମିଶ୍ର, ସତ୍ୟବ୍ରତ ଜେନା, ରାଜେଶ କୁମାର ସାହୁ, ଜୟଦେବ ସ୍ୱାଇଁ, ଲକ୍ଷ୍ମୀଧର ଲେଙ୍କା ଓ ରେଞ୍ଜର ପ୍ରଜ୍ଞା ପରମିତା ସେଠୀ ପ୍ରମୁଖ ସଂକଳ୍ପ କରିଥିଲେ । କାର୍ଯ୍ୟକ୍ରମକୁ ରୋଭର ଲିଡର ବିଜୟ କୁମାର ରଥ ଓ ପୃଷ୍ଠପୋଷକ ଅଜୟ କୁମାର ଗୋଛାୟତ ପରିଚାଳନା କରିଥିଲେ ।

# ନୟାଗଡ଼ ଚିନିକଳ ମାଟିରେ ମିଶିବ

- ୨ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଯନ୍ତ୍ରାଂଶ ଚୋରି
- ପଦା ହେଲାଣି ଶାଗୁଆନ ବଣ
- ଜିଲାପାଳଙ୍କୁ ଦାୟୀ କଲା ଜିଲା କଂଗ୍ରେସ

**ନୟାଗଡ଼ ଅଫିସ,୯।୧୧**

ନୟାଗଡ଼ ପାଣିପୋଇଲାସ୍ଥିତ ଚିନିକଳ ମାଟିରେ ମିଶିବାକୁ ଯାଉଛି। ମାର୍ଚ୍ଚ ଶେଷରୁ ଏଯାବତ ପ୍ରାୟ ୨କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଯନ୍ତ୍ରାଂଶ ଚୋରି ହୋଇଗଲାଣି। ଜିଲା ପ୍ରଶାସନ ଦାୟିତ୍ୱରେ ଥିବା ଚିନିକଳରୁ ବାରମ୍ବାର ଚୋରି ଲାଗି ରହିଛି। କେତେବେଳେ କେମିତି ଅଭିଯୁକ୍ତଙ୍କୁ ଗିରଫ କରାଯାଉଛି। ଶିଳ୍ପ ବିହୀନ ନୟାଗଡ ଜିଲାରେ ଚିନିକଳକୁ ପୁନଃ କାର୍ଯ୍ୟକ୍ଷମ କରିବାର ବ୍ୟବସ୍ଥା କରାଯାଉ ନ ଥିବାରୁ ଅସନ୍ତୋଷ ବଢ଼ି ଚାଲିଛି। ଚିନିକଳ ଭିତର ଜଙ୍ଗଲରେ ଅନେକ ମୂଲ୍ୟବାନ ଶାଗୁଆନ, ଶାଳ ଗଛ ଚୋରି ହୋଇଗଲାଣି। ଚୋରମାନେ ଚିନିକଳର ଷ୍ଟୋର, ୱାର୍କଶପ, ପାୱାର ହାଉସ୍, ମୁଖ୍ୟ ଫାଟକ ଭାଙ୍ଗି ବିଭିନ୍ନ ଯନ୍ତ୍ରାଂଶ ଓ ଉପକରଣ ଦିନବେଳା ଲୁଟୁଛନ୍ତି। ୨୦ ଏଚ୍‌ବି, ୨୫ ଏଚ୍‌ବି, ୩୦ ଏଚ୍‌ବି, ୩୫ ଏଚ୍‌ବି, ୫୦ ଏଚ୍‌ବି ଫ୍ୟାକ୍ଟ୍ରି ମୋଟର ଚୋରି ହୋଇ ସାରିଲାଣି। ପିତଳ, ତମ୍ବା, ଆଲୁମିନିୟମ ସ୍ପେୟାର ପାର୍ଟସ ଆଉ ନାହିଁ। ସେହିଭଳି ପ୍ଲାଣ୍ଟ ଭିତରେ ଲୁହା ପାଇପ ଓ ପ୍ଲେଟ କାଟି ଚୋରି ହୋଇଗଲାଣି। ଜିଲା କଂଗ୍ରେସ ସଭାପତି ରଣଜିତ ଦାଶ ପ୍ରେସ୍ ବିବୃତିରେ କହିଛନ୍ତି, ଚିନିକଳରୁ କୋଟି କୋଟି ଟଙ୍କାର ଯନ୍ତ୍ରାଂଶ ଚୋରିକୁ ନେଇ ଜିଲାପାଳ ଦାୟୀ। ଚିନିକଳକୁ କାର୍ଯ୍ୟକ୍ଷମ ନ କରାଇ ଏହାକୁ ମାଟିରେ ମିଶାଇଦେବାକୁ ହୋଇଥିବା ଚକ୍ରାନ୍ତ ସଫଳ ହୋଇଛି। ଚିନିକଳରେ ପ୍ରାୟ ୧୦୦ କୋଟି ଟଙ୍କାର ସ୍ଥାବର ଅସ୍ଥାବର ସମ୍ପତ୍ତି ରହିଛି। ଏହାର ମୂଲ୍ୟ ମଧ୍ୟ ସରକାରୀ ସ୍ତରରେ ୨୦୨୦ ମାର୍ଚ୍ଚରେ ଆକଳନ ସରିଛି। ହେଲେ ଜିଲାପାଳ ଏ ନେଇ ଜିଲାବାସୀଙ୍କୁ ଅବଗତ କରାଇନାହାନ୍ତି। ଏଭଳିସ୍ଥଳେ ଚିନିକଳ ପାଇଁ ଏକ ସ୍ୱତନ୍ତ୍ର ଟାସ୍କଫୋର୍ସ ଗଠନ କରାଯାଇ ସୁରକ୍ଷା ଦେବାକୁ ସେ ଦାବି କରିଛନ୍ତି।


ଚିନିକଳ ମୁଖ୍ୟ ଫାଟକ ଖୋଲାପଡିଛି।


ପରିସରରେ ଥିବା ଶାଗୁଆନ ଗଛକୁ ଦୁର୍ବୃତ୍ତ କାଟିନେଇଛନ୍ତି।

ଆଖୁଚାଷ ପାଇଁ ନୟାଗଡ଼ ଜିଲାର ମାଟି ଅନୁକୂଳ ଥିବାରୁ ୧୯୮୪ ଏପ୍ରିଲରେ ନୟାଗଡ଼ ସହରଠାରୁ ୫ କି.ମି. ଦୂର ବାଲୁଗାଁ ପଞ୍ଚାୟତ ପାଣିପୋଇଲାଠାରେ ୧୫୨ ଏକର ଜାଗାରେ ଚିନିକଳର ଶିଳାନ୍ୟାସ ହୋଇଥିଲା। ପରେ ୧୯୮୫ରୁ ୧୯୮୮ରେ ୧୮କୋଟି ଟଙ୍କା ବ୍ୟୟରେ ଚିନିକଳ ପ୍ରତିଷ୍ଠା କରାଗଲା। କଳରୁ ୧୯୮୮ରେ ଚିନି ଉତ୍ପାଦନ ଆରମ୍ଭ ହେଲା। ପରିଚାଳନାଗତ ତ୍ରୁଟି ଯୋଗୁ ସମବାୟ ଭିତ୍ତିରେ ପ୍ରତିଷ୍ଠା ହୋଇଥିବା ଚିନିକଳ ବାରମ୍ବାର କ୍ଷତିରେ ଚାଲିଲା। ଆଖୁଚାଷୀ ଓ କାରଖାନା କର୍ମଚାରୀମାନେ ସେମାନଙ୍କ ପ୍ରାପ୍ୟ ପାଇଲେ ନାହିଁ। ୨ ବର୍ଷ ଚାଲିବା ପରେ ଚିନି କଳ ବନ୍ଦ ହେବା ଅବସ୍ଥାକୁ ଚାଲି ଆସିଲା। ପରେ ସରକାର ଚିନିକଳକୁ ତାମିଲନାଡୁର ଧରଣୀ ସୁଗାର୍ସକୁ ଲିଜ୍ ସୂତ୍ରରେ ୧୨ବର୍ଷ ପାଇଁ ହସ୍ତାନ୍ତର କରି ଦେଲେ। ଧରଣୀ ସୁଗାର୍ସ କିଛିବର୍ଷ ଚିନିକଳକୁ ଚଲାଇବା ପରେ ଆଖୁଚାଷୀ ଓ କର୍ମଚାରୀମାନଙ୍କ ଟଙ୍କା ନ ଦେଇ ପଳାଇଗଲା। ଏଣୁ ୨୦୦୦ରୁ ୨୦୦୪ ପର୍ଯ୍ୟନ୍ତ ଏହା ବନ୍ଦ ରହିଲା। ୨୦୦୪ ଜୁନ୍‌ରେ ସରକାର ଚିନିକଳକୁ ୫ କୋଟି ଟଙ୍କାରେ ଶିଳ୍ପପତି ତ୍ରୈଲୋକ୍ୟ ମିଶ୍ରଙ୍କୁ ହସ୍ତାନ୍ତର କଲେ। ଶିଳ୍ପପତି ମିଶ୍ର ମଧ୍ୟ ଚିନିକଳକୁ ଚଳାଇ ନ ପାରି ୨୦୧୪ ମାର୍ଚ୍ଚ ୪ ରାତିରେ ବନ୍ଦ କରିଦେଲେ। ଏଭଳିସ୍ଥଳେ ଜିଲା ପ୍ରଶାସନ ପକ୍ଷରୁ ମାର୍ଚ୍ଚ ୧୨ରେ ଚିନିକଳକୁ ଖୋଲି ସମ୍ପତ୍ତି ଆକଳନ କରି ସିଲ୍ କରାଯାଇଥିଲା। ସିଲ୍ ପରେ ନୟାଗଡ ସୁଗାର କମ୍ପ୍ଲେକ୍ସ ଲିମିଟେଡ୍‌ରେ ନିୟୋଜିତ ୬ଜଣ ସୁରକ୍ଷା କର୍ମଚାରୀଙ୍କୁ ଥଇଥାନର ପ୍ରତିଶ୍ରୁତି ଦେଇ ପୋଲିସ ସେମାନଙ୍କୁ ଖଟାଇଥିଲା। ୯ ଦିନ ପରେ ପୋଲିସ ସୁରକ୍ଷାକର୍ମୀଙ୍କୁ ଚାଲିଯିବାକୁ କହିଥିଲା। ପରେ ୨ଜଣ ହୋମଗାର୍ଡ କେବଳ ରାତିରେ ସୁରକ୍ଷା ଦାୟିତ୍ୱ ସମ୍ଭାଳୁଛନ୍ତି। ଚିନିକଳକୁ ପୁଣି କାର୍ଯ୍ୟକ୍ଷମ ନେଇ ବିଭିନ୍ନ ସମୟରେ ଆନ୍ଦୋଳନ, ପ୍ରତିବାଦ, ଧାରଣା, ବିକ୍ଷୋଭ ହୋଇଛି। ହେଲେ କିଛି ସୁଫଳ ମିଳିନି। ଏ ସମ୍ପର୍କରେ ଜିଲାପାଳ ପୋମା ଟୁଡୁଙ୍କୁ ପଚାରିବାରେ ସେ ପଦକ୍ଷେପ ନେବେ ବୋଲି କହିଛନ୍ତି।

## ନିଆଁ ଲାଗି ଲକ୍ଷାଧିକ ଟଙ୍କାର ଆଖୁ ଫସଲ ନଷ୍ଟ

**ରସୁଲପୁର,୯।୧୧(ଡି.ଏନ.ଏ.)**

ରସୁଲପୁର ବ୍ଲକ ବଡକଇଁଚି ପଞ୍ଚାୟତର ଚାଷୀ ଅରୁଣ ମିଶ୍ରଙ୍କ ଆଖୁ କିଆରିରେ ସୋମବାର ନିଆଁ ଲାଗି ଲକ୍ଷାଧିକ ଟଙ୍କାର ଆଖୁଫସଲ ନଷ୍ଟ ହୋଇଯାଇଛି। ନିଆଁ ଲାଗିଥିବା ଆଖୁ ଚକରେ ପାଖାପାଖି ୧୦ଏକର ଜମିରେ ଆଖୁ ଚାଷ ହୋଇଥିଲା। ଆଉ କିଛିଦିନ ପରେ ଆଖୁ ଅମଳ ହୋଇଥାଆନ୍ତା । ଆଖୁପତ୍ର ଶୁଖିଥିବାରୁ ନିଆଁ ଲାଗିବା କ୍ଷଣି ତାହା ଚାରିଆଡେ ବ୍ୟାପିଯାଇଥିଲା। ଖବର ପାଇ ରସୁଲପୁର ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। କ୍ଷତିଗ୍ରସ୍ତ ଚାଷୀଙ୍କୁ ସହାୟତା ପ୍ରଦାନ ପାଇଁ ପରିବାର ପକ୍ଷରୁ ଦାବି ହେଉଛି। ଅଗ୍ନିଶମ ବାହିନୀର ହାବିଲଦାର ଚକ୍ରଧର ଘଡେଇ କହନ୍ତି, ଆମେ ପହଞ୍ଚିବା ବେଳକୁ ନିଆଁ ଆଖୁ କିଆରି ମଝି ଅଞ୍ଚଳକୁ ପ୍ରବେଶ କରି ସାରିଥିଲା । ତେବେ ଠିକଣା ସମୟରେ ସୂଚନା ମିଳିବାରୁ ଅଧିକାଂଶ ଆଖୁ ଫସଲକୁ ସୁରକ୍ଷିତ ରଖାଯାଇ ପାରିଲା । ପ୍ରାୟ ଦେଢ ଏକର ଜମିର ଆଖୁଫସଲ ନଷ୍ଟ ହୋଇଛି । ନିଆଁ ଲାଗିବାର କାରଣ ଜଣାପଡି ନାହିଁ । କେହି ଦୁର୍ବୃତ୍ତ ଏଭଳି କାଣ୍ଡ ଘଟାଇ ଥାଇ ପାରନ୍ତି ବୋଲି ସନ୍ଦେହ କରାଯାଉଛି ।

## କାରିଗର ଗିରଫ, ୫ ବନ୍ଧୁକ ସହ ଉପକରଣ ଜବତ




ଜବତ ବନ୍ଧୁକ ସହ ତିଆରି ସାମଗ୍ରୀ ଓ ଗିରଫ ଅଭିଯୁକ୍ତ।

**ନୟାଗଡ ଅଫିସ,୯।୧୧**

**ଦେଶୀ ବନ୍ଧୁକ କାରଖାନା ଉପରେ ଚଢ଼ାଉ**

ନୟାଗଡ ସଦର ଥାନା ପୋଲିସ ମାଳିସାହିର ଏକ ଦେଶୀ ବନ୍ଧୁକ ତିଆରି କାରଖାନା ଉପରେ ସୋମବାର ଚଢ଼ାଉ କରି କାରିଗର କାବୁଲି ମହରଣା(୪୦)ଙ୍କୁ ଗିରଫ କରିଛି। କାବୁଲିଙ୍କଠାରୁ ୩ଟି ବନ୍ଧୁକ, ୨ଟି ଅର୍ଦ୍ଧ ନିର୍ମିତ ବନ୍ଧୁକ, ୧ ଜୀବନ୍ତ ଗୁଳି, ୧୦୦ ଗ୍ରାମର ୭ ବୋତଲ ଗନ୍ ପାଉଡର, ଡ୍ରିଲ ମେଶିନ୍, ମୋଟର ୧ଟା, ବନ୍ଧୁକ ବ୍ୟାରେଲ ୩୦ ଜବତ କରିଛି। ଏ ନେଇ ନୟାଗଡ ସଦର ଥାନାରେ ଅତିରିକ୍ତ ଏସ୍‌ପି ଉମାକାନ୍ତ ମଲ୍ଲିକ ରାତିରେ ଏକ ଖବରଦାତା ସମ୍ମିଳନୀ କରି କହିଛନ୍ତି। ୨୦୧୯ରେ କାବୁଲି ବନ୍ଧୁକ ତିଆରି କରି ଗିରଫ ହୋଇଥିଲେ। ଏବେ ପୁଣି ଗିରଫ ହୋଇଛନ୍ତି। ନୟାଗଡ ଏସ୍‌ଡିପିଓଙ୍କ ନେତୃତ୍ୱରେ ନୟାଗଡ ସଦର ଓ ଟାଉନ ଥାନା ଆଇଆଇସିଙ୍କ ସମେତ ଅନ୍ୟ ପୋଲିସ କାବୁଲିଙ୍କୁ ନିଜ ହେପାଜତକୁ ନେଇଥିଲେ। ତାଙ୍କୁ ଏହି କାର୍ଯ୍ୟରେ କିଏ ସହଯୋଗ କରୁଥିଲେ ତାହା ଜଣାପଡିନି। ତେବେ ତଦନ୍ତ ଜାରି ରହିଛି। ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ନୟାଗଡ ଏସ୍‌ଡିପିଓ ନିରଞ୍ଜନ ପାଢୀ ଓ ଆଇଆଇସି ଗିନାରାଣୀ ସାହୁ ଉପସ୍ଥିତ ଥିଲେ।

## ପଶ୍ଚିମ କନିକାରେ ଚାଷୀଙ୍କ ପାଇଁ ଗଠନ ହେଲା କୃଷକ ମଞ୍ଚ

**ରାଜକନିକା, ୯।୧୧ (ଡି.ଏନ.ଏ.)**

ରାଜକନିକା ବ୍ଲକ ଅଧୀନ ଦେଉଳତରା ପଞ୍ଚାୟତ ଅଫିସ ଗୃହରେ ରବିବାର ପଶ୍ଚିମକନିକା କୃଷକ ମଞ୍ଚ ଗଠନ କରାଯାଇଛି। ଆୟୋଜିତ ସମାବେଶରେ କୃଷକ ଚନ୍ଦ୍ର ଭାନୁ ନାୟକ ଅଧ୍ୟକ୍ଷତା କରିଥିଲେ। ଖରସ୍ରୋତା ଓ ବୈତରଣୀର ପ୍ରଳୟଙ୍କାରୀ ବନ୍ୟା ଜଳରେ ବୁଡି ରହିବାରୁ ଏ ଅଞ୍ଚଳର ଶତାଧିକ ଏକର ଚାଷଜମି ଉଜୁଡି ଯାଇଛି। କେନ୍ଦ୍ରାପଡା ଜିଲାପାଳ ସମର୍ଥ ବର୍ମା ବନ୍ୟା ପରିଦର୍ଶନରେ ଆସି ଚାଷଜମି ବୁଲି ଦେଖି ଥିଲେ। ବନ୍ୟାର ୨ ମାସ ପରେ ବି ଚାଷୀମାନେ ଆଜି ପର୍ଯ୍ୟନ୍ତ ଚାଷର କ୍ଷତିପୂରଣ ପାଇନାହାନ୍ତି। ତେବେ ଚାଷୀମାନଙ୍କର ସଙ୍ଗଠନ ନ ଥିବାରୁ ରାଜ୍ୟ ସରକାରୀଙ୍କ ବହୁ ସହାୟତା ମିଳୁନାହିଁ। ତେଣୁ ଏକ ସଙ୍ଗଠନ ଜରିଆରେ ସେମାନେ ସରକାରଙ୍କୁ ଦାବିପତ୍ର ଦେବାକୁ ନିଷ୍ପତ୍ତି ନେଇଛନ୍ତି। ଏହି ଅବସରରେ କୃଷକ ମଞ୍ଚ ଗଠନ କରାଯାଇଛି। ପ୍ରାଥମିକ ପର୍ଯ୍ୟାୟରେ ପ୍ରତି ପଞ୍ଚାୟତରୁ ଚାଷୀ ଉପଦେଷ୍ଟା ମଣ୍ଡଳୀ ଗଠନ କରାଯାଇଛି। ଏଥିରେ ପଧାନପଡା ପଞ୍ଚାୟତର ପ୍ରାକ୍ତନ ସରପଞ୍ଚ ପ୍ରଶାନ୍ତ କୁମାର ଦାସ, ନିରାକାର ଦାସ, ସନ୍ତୋଷ କୁମାର ବେଉରିଆ, ସୁବାସ ଚନ୍ଦ୍ର ଲେଙ୍କା, ଅଭିମନ୍ୟୁ ବାରିକ, ଦେମଣ୍ଡା ପଞ୍ଚାୟତର ପ୍ରାକ୍ତନ ସରପଞ୍ଚ ପ୍ରଦୀପ କୁମାର ବେଉରିଆ, ତପନ କୁମାର ମହାପାତ୍ର ପ୍ରମୁଖ ଚାଷୀ ପ୍ରତିନିଧିମାନେ ଯୋଗଦେଇଥିଲେ।

## ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ କାମରେ ଆସୁନି ଅନ୍‌ଲାଇନ ଶିକ୍ଷା

**ଶିକ୍ଷାଦାନରେ ବାଧକ ସାଜିଛି କରୋନା**

**ରସୁଲପୁର,୯।୧୧(ଡି.ଏନ.ଏ.)**

ଭିନ୍ନକ୍ଷମ ଛାତ୍ରୀଛାତ୍ରଙ୍କ ଶିକ୍ଷାଦାନରେ ବାଧକ ସାଜିଛି କରୋନା। ୮ମାସ ହେଲା ସ୍କୁଲ ବନ୍ଦଥିବାରୁ ଅନ୍‌ଲାଇନ ମାଧ୍ୟମରେ ଶିକ୍ଷାଦାନ କରାଯାଉଛି। ଏହି ବ୍ୟବସ୍ଥା ଦିବ୍ୟାଙ୍ଗ ବିଦ୍ୟାର୍ଥୀମାନଙ୍କ କାମରେ ଆସିପାରୁନି। ବିଦ୍ୟାର୍ଥୀମାନଙ୍କ ବାସ୍ତବ ଅବସ୍ଥାକୁ ନ ପରଖି କେବଳ କାଗଜକଲମରେ ରିପୋର୍ଟ ପ୍ରସ୍ତୁତ ହେଉଛି । ଆବଶ୍ୟକ ଭିତ୍ତିଭୂମି ଅଭାବରୁ ଏଭଳି ସ୍ଥିତି ଉପୁଜୁଛି ବୋଲି କୁହାଯାଉଛି।

ଯାଜପୁର ଜିଲା ରସୁଲପୁର ବ୍ଲକରେ ପ୍ରଥମରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ୩୮୩ଜଣ ଦିବ୍ୟାଙ୍ଗ ବିଦ୍ୟାର୍ଥୀ ପାଠପଢାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେଥିମଧ୍ୟରୁ ଦୃଷ୍ଟିବାଧିତ ୧୨, କମ୍ ଦୃଷ୍ଟିଶକ୍ତି ଥିବା ୮୦, ଶ୍ରବଣଶକ୍ତି ବାଧିତ ୨୮, ବାକ୍‌ବାଧିତ ୪୧, ବୌଦ୍ଧିକଶକ୍ତିହୀନ ୯୦, ଅସ୍ଥିଶଲ୍ୟ ବାଧିତ ୯୦, ଶିକ୍ଷଣୀୟ ଅକ୍ଷମତା ୧୧, ସ୍ୱପରାୟଣତା ୧୧, ବହୁବିଧ ଅକ୍ଷମତା ୧୭, ସ୍ନାୟୁବାଧିତରୁ ଜଣକୁ ମିଶାଇ ମୋଟ ୩୮୩ଜଣ ବିଦ୍ୟାର୍ଥୀ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଉକ୍ତ ପିଲାମାନଙ୍କ ପାଠପଢାରେ ଯତ୍ନ ନେବା ପାଇଁ ୧୦ଜଣ ଆଇ ଭଲ୍ୟୁଣ୍ଟର, ୨ଜଣ ବ୍ଲକସ୍ତରୀୟ ସମ୍ବଳ ପ୍ରଶିକ୍ଷକଙ୍କୁ ନିଯୁକ୍ତି ଦିଆଯାଇଛି। ଏହି ବର୍ଗର ପିଲାମାନେ ଦୈନିକ ବିଦ୍ୟାଳୟକୁ ଆସୁଛନ୍ତି କି ନାହିଁ ଆଇ ଭଲ୍ୟୁଣ୍ଟର ନିଶ୍ଚିତ କରିବେ। ବ୍ଲକ ସମ୍ବଳ ପ୍ରଶିକ୍ଷକମାନେ ଉକ୍ତ କାର୍ଯ୍ୟକୁ ରିଭ୍ୟୁ କରିବେ । ଆଶୁ ସମସ୍ୟା ସମାଧାନ କରି ଦିବ୍ୟାଙ୍ଗମାନଙ୍କୁ ମୁଖ୍ୟ ସ୍ରୋତରେ ସାମିଲ କରିବା ଦିଗରେ ସହାୟକ ହେବେ। ବିଦ୍ୟାଳୟ ବନ୍ଦ ଥିବାରୁ ଏହା ସମ୍ଭବପର ହୋଇପାରୁ ନାହିଁ। ହେଲେ ଅନ୍‌ଲାଇନ ଶିକ୍ଷାଦାନ ପାଇଁ ଅଭିଭାବକଙ୍କ ଅସାମର୍ଥ୍ୟ ଯୋଗୁ ପିଲାମାନଙ୍କ ଭବିଷ୍ୟତ ଅନ୍ଧକାର ମଧ୍ୟକୁ ଠେଲି ହୋଇଯାଉଛି। ଅନେକ ଅଭିଭାବକ ନୂତନ ଶିକ୍ଷା ପଦ୍ଧତି ଓ ନିୟମାବଳୀ ସମ୍ପର୍କରେ ଅବଗତ ନ ଥିବାରୁ ପିଲାମାନଙ୍କୁ ଅନ୍‌ଲାଇନ ଶିକ୍ଷା ସୁବିଧା ଉପଲବ୍ଧ ହୋଇପାରୁ ନାହିଁ। ବିଦ୍ୟାଳୟରେ ଦିବ୍ୟାଙ୍ଗ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଉଥିଲା। ଅନ୍‌ଲାଇନ ଶିକ୍ଷାଦାନ ସମୟରେ ଏହି ବର୍ଗର ପିଲାମାନଙ୍କ ପାଇଁ ଗଣଶିକ୍ଷା ବିଭାଗ ଶିକ୍ଷା ଅଭିଯାନ ଜରିଆରେ କୌଣସି ସ୍ୱତନ୍ତ୍ର ବ୍ୟବସ୍ଥା କରିନାହିଁ। ଏଭଳି ପରିସ୍ଥିତିରେ ଦିବ୍ୟାଙ୍ଗ ପିଲାମାନଙ୍କର ଶିକ୍ଷାଧିକାର ଆଇନ ଉଲ୍ଲଂଘନ ହେଉଛି ବୋଲି ସାମାଜିକ କର୍ମୀ ମଞ୍ଜୁ ଦାସ ଯାଜପୁର ଜିଲା ପ୍ରକଳ୍ପ ସଂଯୋଜକ ବିଷ୍ଣୁ ଚରଣ ସୂତାରଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଉକ୍ତ ସମସ୍ୟାକୁ ସୂତାର ଗୁରୁତର ସହ ନେଇଛନ୍ତି। ଏ ଦିଗରେ ଜିଲାପାଳଙ୍କ ସହ ଆଲୋଚନା କରି ପରବର୍ତ୍ତୀ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ତେବେ ଏ ନେଇ ବ୍ଲକ ସମ୍ବଳ ପ୍ରଶିକ୍ଷକଙ୍କୁ ପଚାରିବାରୁ ସେ ଆଇ ଭଲ୍ୟୁଣ୍ଟରମାନେ ଏଥିପାଇଁ କାମ କରୁଛନ୍ତି। ସେମାନେ ଘରକୁ ଯାଇ ଶିକ୍ଷାଦାନ ବ୍ୟବସ୍ଥାକୁ ପରଖୁଛନ୍ତି ବୋଲି ରିପୋର୍ଟ ପ୍ରଦାନ କରୁଛନ୍ତି। ଏହାଛଡା ଦୃଷ୍ଟିବାଧିତ ପିଲାମାନଙ୍କ ପାଇଁ ବ୍ରେଲି ବହି ଆସିଛି। ସେଗୁଡିକୁ ତୁରନ୍ତ ପ୍ରଦାନ କରାଯିବ ବୋଲି କହିଥିଲେ। କୌଣସି ଆଇ ଭଲ୍ୟୁଣ୍ଟର ବିଦ୍ୟାର୍ଥୀଙ୍କ ଘରକୁ ଯାଉ ନ ଥିବା ନେଇ ଅଭିଭାବକ ଅଭିଯୋଗ କରୁଛନ୍ତି।

## ବିଡିଓଙ୍କ ତଦନ୍ତ ରିପୋର୍ଟକୁ ନେଇ ଅସନ୍ତୋଷ

**ବାଲିଚନ୍ଦ୍ରପୁର,୯।୧୧(ସ୍ୱ.ପ୍ର.)**

**ବନ୍ୟା ବିପନ୍ନଙ୍କୁ ମିଳୁନି ରିଲିଫ୍**

ବଡ଼ଚଣା ବ୍ଲକ ଅଧୀନ ଗୋପାଳପୁର ପଞ୍ଚାୟତରେ ବନ୍ୟା ବିପନ୍ନଙ୍କୁ ରିଲିଫ ବଣ୍ଟନରେ ପାତରଅନ୍ତର କରାଯାଇଥିବା ନେଇ ବିଡିଓଙ୍କ ନିକଟରେ ଅଭିଯୋଗ କରାଯାଇଥିଲା। ତେବେ ଏହାର ସମାଧାନ ହୋଇ ନ ପାରିବାରୁ ଶେଷରେ ପଞ୍ଚାୟତବାସୀ ଜିଲାପାଳଙ୍କୁ ଭେଟି ଅଭିଯୋଗ କରିଥିଲେ। ଜିଲାପାଳ ବିଡିଓଙ୍କୁ ତଦନ୍ତ କରି ରିପୋର୍ଟ ଦେବାକୁ କହିଥିଲେ। ମାତ୍ର ବିଡିଓ ଯେଉଁ ତଦନ୍ତ ରିପୋର୍ଟ ଦେଇଛନ୍ତି ସେଥିରେ ପଞ୍ଚାୟତବାସୀ ସନ୍ତୁଷ୍ଟ ହୋଇନାହାନ୍ତି। ଫଳରେ ଏହାକୁ ନେଇ ଅସନ୍ତୋଷ ତୀବ୍ର ହୋଇଛି। ତେଣୁ ଜିଲାପାଳ ନିଜେ ଏହାର ତଦନ୍ତ କରନ୍ତୁ ବୋଲି ପଞ୍ଚାୟତବାସୀ ଦାବି କରିଛନ୍ତି।

ସୂଚନା ଅନୁସାରେ, ପ୍ରତ୍ୟେକ ବନ୍ୟା ବିପନ୍ନ ପରିବାରକୁ ୫୦ କି.ଗ୍ରା. ଚାଉଳ ଓ ୫୦୦ ଟଙ୍କା ଦେବା ପାଇଁ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ। ୨୦୧୧ ଜନଗଣନା ତାଲିକା ହିସାବରେ ଏସବୁ ସହାୟତା ଯୋଗାଇ ଦିଆଯିବା ପାଇଁ ନିର୍ଦ୍ଦେଶ ରହିଥିଲା। ହେଲେ ଏଥିରେ ବ୍ୟତୀକ୍ରମ ହୋଇଥିବାରୁ ଅନେକ ବିପନ୍ନ ସହାୟତା ପାଇବାରୁ ବଞ୍ଚିତ ହୋଇଛନ୍ତି। ଲୋକଙ୍କ ସମସ୍ୟା ସମ୍ପର୍କରେ ବଡ଼ଚଣା ବ୍ଲକ ଉପାଧ୍ୟକ୍ଷା ଉପାସନା ପାତ୍ର ବିଡିଓ ଏବଂ ଯାଜପୁର ଜିଲାପାଳଙ୍କୁ ପତ୍ର ଲେଖି ଜଣାଇଥିଲେ। ଅନ୍ୟପକ୍ଷେ ବଡ଼ଚଣା ଭାଜପା ନେତା ଅମର ନାୟକ ଜିଲାପାଳଙ୍କୁ ଭେଟି ଗୋପାଳପୁର ପଞ୍ଚାୟତରେ ରିଲିଫ ବଣ୍ଟନରେ ହୋଇଥିବା ଅନିୟମିତତା ସମ୍ପର୍କରେ ଅବଗତ କରାଇଥିଲେ। ଏସମ୍ପର୍କରେ ମତାମତ ପାଇଁ ବିଡିଓଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ମିଟିଂରେ ଅଛନ୍ତି କହି ପ୍ରସଙ୍ଗକୁ ଏଡ଼ାଇ ଯାଇଥିଲେ।

## ବିଦୁର ମନ୍ଦିରରେ ରାହାସ ଉତ୍ସବ

**ଡେରାବିଶ, ୯।୧୧(ସ୍ୱ.ପ୍ର.)**

କେନ୍ଦ୍ରାପଡ଼ା ଓ କଟକ ଜିଲାର କେନ୍ଦ୍ରସ୍ଥଳରେ ଅବସ୍ଥିତ ପ୍ରସିଦ୍ଧ ଓଳକଣା ମେଳଣ ସନ୍ନିକଟ ଡେରାବିଶ ବ୍ଲକ ଅଧୀନ ଅରାଖଣ୍ଡ ଗ୍ରାମରେ ଥିବା ଭଗବାନ ବିଦୁରଙ୍କ ମନ୍ଦିର ବେଢ଼ାରେ ସୋମବାର ରାହାସ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶ୍ରୀବାସୁଦେବ ରାହାସ ମଣ୍ଡଳୀ ଦ୍ୱାରା ଆୟୋଜିତ ଉତ୍ସବରେ ମହାପୁରୁଷ ଅଚ୍ୟୁତାନନ୍ଦ ଦାସଙ୍କ ସମେତ ପଞ୍ଚସଖାଙ୍କ ରଚିତ ପବିତ୍ର ଗ୍ରନ୍ଥରୁ ରାହାସ ସଂକୀର୍ତ୍ତନ ଅନୁଷ୍ଠିତ ହୋଇଥିଲା। ଏଥିରେ ନିଶ୍ଚିନ୍ତକୋଇଲି ବ୍ଲକ ଖଣ୍ଡସାହି ରାହାସ ମଣ୍ଡଳ ମୁଖ୍ୟ ରମେଶ ଚନ୍ଦ୍ର ମହାନ୍ତି, ଡେରାବିଶ ବ୍ଲକ ଜହ୍ନିମୂଳ ମଣ୍ଡଳର ମୁଖ୍ୟ ରବୀନ୍ଦ୍ର ଜେନାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଆଧାତ୍ମିକ କାର୍ଯ୍ୟକ୍ରମରେ ପ୍ରମୋଦ ଦାସ ମହାରାଜ, ରମେଶ ମହାନ୍ତି, ପ୍ରଶାନ୍ତ ଲେଙ୍କା, ରଘୁନାଥ ମହାନ୍ତି, ଅଚ୍ୟୁତାନନ୍ଦ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ସେମାନେ ପଞ୍ଚସଖାଙ୍କ ତତ୍ତ୍ୱ ଉପରେ ଆଲୋକପାତ କରିବା ସହ ସଂକୀର୍ତ୍ତନ କରିଥିଲେ। କେନ୍ଦ୍ରାପଡ଼ା ସମେତ କଟକ, ଜଗତ୍‌ସିଂହପୁର ଓ ଯାଜପୁର ଜିଲାର ଶତାଧିକ ଶ୍ରଦ୍ଧାଳୁ ଏଥିରେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଗୌତମ ମଲ୍ଲ, ସୁରେନ୍ଦ୍ର ମଲ୍ଲଙ୍କ ସମେତ ଗ୍ରାମବାସୀ ପରିଚାଳନାରେ ସହଯୋଗ କରିଥିଲେ।


ମନ୍ଦିରରେ ସଂକୀର୍ତ୍ତନମଣ୍ଡଳୀ ବସି ରାହାସ କରୁଛନ୍ତି।

## ସିମେଣ୍ଟ ଟାଙ୍କିରେ ମାଛଚାଷ

**ଜଗତ୍‌ସିଂହପୁର ଅଫିସ, ୯।୧୧**

**କରୋନା ସଙ୍କଟରେ ଜୀବିକାର ଆଶା**

କରୋନା ସଂକ୍ରମଣ ସମୟରେ ଅନେକେ ଜୀବିକା ହରାଇ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏ ପରିସ୍ଥିତିରେ ସିମେଣ୍ଟ ଟାଙ୍କିରେ ମାଛ ଚାଷ କରି ଜୀବିକାର ବାଟ ଦେଖାଇଛନ୍ତି ଜଗତ୍‌ସିଂହପୁର ବ୍ଲକ ଅନ୍ତର୍ଗତ କଲ୍ୟାଣପୁର ଗାଁର ଅମିୟ କୁମାର ଓଝା (୩୮) । ମତ୍ସ୍ୟଚାଷରୁ ମାସିକ ୧୦ ହଜାର ଟଙ୍କା ରୋଜଗାର କରିବାକୁ ସେ ଲକ୍ଷ୍ୟ ରଖିଛନ୍ତି। ଅମିୟ ଯୁକ୍ତ ଦୁଇ ପର୍ଯ୍ୟନ୍ତ ପାଠ ପଢ଼ିଛନ୍ତି । ଗାଁରେ ଏକ ସିମେଣ୍ଟ ଟାଙ୍କି କରି ସେ ପାଖାପାଖି ୩ ମାସ ହେବ କଉ, ରୋହି, ଭାକୁର ଓ ମିରକାଳି ମାଛ ଚାଷ କରୁଛନ୍ତି । ଜାନୁୟାରୀରେ ମାଛ ଚାଷ କରିବାକୁ ସେ ମନସ୍ଥ କରିଥିଲେ । ପରେ କେନ୍ଦ୍ରାପଡ଼ା ଅଞ୍ଚଳରେ ମାଛ ଚାଷ କରୁଥିବା ଜଣେ ଅଭିଜ୍ଞ ବ୍ୟକ୍ତିଙ୍କଠାରୁ ତାଲିମ ନେଇଥିଲେ। ଗାଁରେ ୧୭ ଫୁଟ ଲମ୍ବ, ୧୭ ଫୁଟ ଓସାର ଓ ୪ ଫୁଟ ଗଭୀରର ଏକ ସିମେଣ୍ଟ ଟାଙ୍କି ନିର୍ମାଣ କରିଥିଲେ । ଏ ବାବଦରେ ସେତେବେଳେ ପାଖାପାଖି ୭୦ ହଜାର ଟଙ୍କା ଖର୍ଚ୍ଚ ହୋଇଥିଲା। ଏଥିସହ ଗୋଟିଏ ଇନଭର୍ଟର, ୨ଟି ମୋଟର, ପାଇପ୍ ଓ ଷ୍ଟୋନ୍ ଆଦି କ୍ରୟ କରିଥିଲେ। ମାଛଚାଷ ପାଇଁ ତାଲିମ ଦେଇଥିବା ବ୍ୟକ୍ତି ସହଯୋଗର ହାତ ବଢ଼ାଇଥିଲେ । କୋଲକାତାରୁ ଯାଆଁଳା ଆଣି ଭୁବନେଶ୍ୱରରେ ପହଞ୍ଚାଇବା ପ୍ରତି ଯାଆଁଳ ପିଛା ୩ ଟଙ୍କା ହିସାବରେ ୧୨,୦୦୦ ଟଙ୍କା ନେଇଥିଲେ । ଅମିୟ ଏହାକୁ ଭୁବନେଶ୍ୱରରୁ ଗାଁ ପର୍ଯ୍ୟନ୍ତ ଭଡ଼ା ଗାଡିରେ ଆଣିବାପରେ ବାୟୋଫ୍ଲକ୍ ମାଧ୍ୟମରେ ମାଛଚାଷ ଆରମ୍ଭ କରିଥିଲେ। ଇତିମଧ୍ୟରେ ପ୍ରତି କଉ ମାଛର ଓଜନ ପାଖାପାଖି ୧୫୦ରୁ ୧୭୦ ଗ୍ରାମ ହୋଇଗଲାଣି। କାର୍ତ୍ତିକ ମାସ ସରିଗଲେ ଛାଡ଼ଖାଇବେଳକୁ ସେଗୁଡ଼ିକୁ ବିକ୍ରି କରିବାକୁ ଲକ୍ଷ୍ୟ ରଖିଯାଇଛି। ସେହିପରି ରୋହି, ଭାକୁର ଓ ମିରକାଳି ମାଛଗୁଡିକ ଓଜନ (ମାଛ ପିଛା)ହାରାହାରି ୩୦୦ ଗ୍ରାମ ଲେଖାଏ ହୋଇଗଲାଣି। ଆଉ ୩ ମାସ ପରେ ଅମଳ ହେବ। ମାଛଗୁଡିକ ଯେପରି ସୁସ୍ଥ ରହିବେ ସେଥିପାଇଁ ଆମୋନିଆ ଓ ପିଏଚ୍ ଆଦି ପରୀକ୍ଷା କରାଯାଉଛି। ଆବଶ୍ୟକ ପଡ଼ିଲେ ପାଣି ବଦଳାଯାଉଛି। ସଫଳତା ମିଳିଲେ ଅଧିକ ସଂଖ୍ୟାରେ ମାଛଚାଷ କରିବାକୁ ପଦକ୍ଷେପ ନିଆଯିବ ବୋଲି ଅମିୟ କହିଛନ୍ତି।


ଅମିୟ କୁମାର ଓଝା ଟାଙ୍କିରେ କରିଥିବା ମାଛଚାଷ ଦେଖାଉଛନ୍ତି।

## ଦୋକାନରୁ ବ୍ୟବସାୟୀଙ୍କ ମୃତଦେହ ଉଦ୍ଧାର

ନୟାଗଡ ଅଫିସ- ଶରଣକୁଳ ଥାନା ପୋଲିସ ସ୍ଥାନୀୟ ବଜାରରୁ ସୋମବାର ପୂର୍ବାହ୍ନରେ ଜଣେ ପାନ ଦୋକାନୀଙ୍କ ମୃତଦେହ ଉଦ୍ଧାର କରିଛି। ମୃତକ ହେଲେ ଶରତ ସାହୁ(୪୫)। ଘର ଶରଣକୁଳ ଥାନା ନରେନ୍ଦ୍ରପୁର ଗାଁରେ। ପୋଲିସ ମୃତଦେହକୁ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଅନ୍ୟପକ୍ଷେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

## ସଂକ୍ଷେପରେ

### ଲାଇନମ୍ୟାନଙ୍କ ମୃତଦେହ ଧାନଜମିରୁ ଉଦ୍ଧାର

**ନୟାଗଡ ଅଫିସ,୯।୧୧:** ନୟାଗଡ ଜିଲା ଗୋଡିପଡା ବିଦ୍ୟୁତ୍ ସେକ୍ସନର ଲାଇନ ମ୍ୟାନ ମନୋଜ କୁମାର ସାହୁ(୩୮)ଙ୍କ ମୃତଦେହ ପାଟୁଲିସାହି ନିକଟ ଶରଣକୁଳ ପୁରୀ ନୂଆ ଜଗନ୍ନାଥ ସଡ଼କର ପାର୍ଶ୍ୱରୁ ସୋମବାର ଉଦ୍ଧାର କରାଯାଇଛି। ଶରଣକୁଳ ଥାନା ପୋଲିସ ମୃତଦେହ ଉଦ୍ଧାର କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ମନୋଜଙ୍କ ଘର ଓଡ଼ଗାଁ ସହରର ଗାନ୍ଧିନଗର ସାହିରେ। ମନୋଜ ଡ୍ୟୁଟି ସାରି ବାଇକ୍ ଯୋଗେ ଘରକୁ ଫେରୁଥିବାବେଳେ ଦୁର୍ଘଟଣାରେ ପ୍ରାଣ ହରାଇଥିବା ଜଣାପଡିଛି। ରାସ୍ତା କଡରେ ତାଙ୍କର ମୃତଦେହ ପଡିଥିବାବେଳେ ନିକଟରେ ବାଇକ୍ ପଡିଥିଲା। ପୋଲିସ ନଂ.୧୩୦/୨୦ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

### ଚିନିକଳରୁ ଚୋରି କରି ୭ ଗିରଫ, ୫ ଜେଲ ଗଲେ

**ନୟାଗଡ ଅଫିସ,୯।୧୧:** ନୟାଗଡ ଚିନିକଳରୁ ବିଭିନ୍ନ ଯନ୍ତ୍ରାଂଶ ଚୋରି ଅଭିଯୋଗରେ ସଦର ଥାନା ପୋଲିସ ଅଟକ ରଖିଥିବା ୭ଜଣଙ୍କ ମଧ୍ୟରୁ ୫ଜଣଙ୍କୁ ସୋମବାର କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ପରେ ଖଡଗପ୍ରସାଦର ପ୍ରତାପ କୁମାର ନାୟକ(୨୯), ଉତ୍ସବ ନାୟକ(୫୨), ଗଗନ ନାୟକ(୩୪), ଯୋଗେନ୍ଦ୍ର ନାୟକ(୧୮), ବିଜୟ କୁମାର ବେହେରାଙ୍କୁ ନୟାଗଡ ସବ୍‌ଜେଲକୁ ପଠାଇ ଦିଆଯାଇଛି। ଏହି ୭ଜଣଙ୍କୁ ନୟାଗଡ ଏସ୍‌ଡିପିଓଙ୍କ ନେତୃତ୍ୱରେ ନୟାଗଡ ସଦର ଓ ଟାଉନ ଥାନା ଆଇଆଇସିଙ୍କ ସମେତ ଅନ୍ୟ ପୋଲିସ ନିଜ ହେପାଜତକୁ ନେଇଥିଲେ।

### ରାଜପଥରୁ ଲୁହାପ୍ଲେଟ୍ ଚୋରି ଘଟଣାରେ ୨ କୋର୍ଟ ଚାଲାଣ

**ରସୁଲପୁର,୯।୧୧(ଡି.ଏନ.ଏ.):** ରସୁଲପୁର ବ୍ଲକ ଅନ୍ତର୍ଗତ ୧୬ନଂ. ଜାତୀୟ ରାଜପଥରେ ପୋଲ ନିର୍ମାଣ ସ୍ଥଳରୁ ଲୁହା ପ୍ଲେଟ ଚୋରି ଘଟଣାରେ କୁଆଖିଆ ପୋଲିସ ମୁଖ୍ୟ ଅଭିଯୁକ୍ତ ସୁବାସ ମଲିକ ଓ ପ୍ରଫୁଲ୍ଲ ମଲିକଙ୍କୁ ସୋମବାର ଗିରଫ କରି କୋର୍ଟ ଚାଲାଣ କରିଛି । ସେମାନଙ୍କ ଘର କୁଆଖିଆ ଥାନା ପ୍ରଥମାଖଣ୍ଡି ପଞ୍ଚାୟତ ଦାମୋଦରପୁର ଗ୍ରାମରେ। ଏହି ଘଟଣାରେ ପୋଲିସ ପୂର୍ବରୁ ଜଣକୁ ଗିରଫ କରିଥିଲା । ପ୍ରକାଶ ଯେ, ଅକ୍ଟୋବର ୧୬ରେ ଏକ ପିକ୍‌ଅପ ଭ୍ୟାନ୍‌ରେ ୧୦ଖଣ୍ଡ ଲୁହା ପ୍ଲେଟ ବୋଝେଇ ହୋଇଯାଉଥିଲା। ଖବର ପାଇ କୁଆଖିଆ ପୋଲିସ ଭ୍ୟାନକୁ ଜବତ କରିବା ସହ ଚାଳକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଅନ୍ୟ ଅଭିଯୁକ୍ତ ଦ୍ୱୟ ଖସି ପଳାଇବାକୁ ସକ୍ଷମ ହୋଇଥିଲେ। ପୋଲିସ ଏ ନେଇ ଏକ ମାମଲା (ନଂ.୩୪୭/୨୦) ରୁଜୁ କରି ତଦନ୍ତ ଜାରି ରଖିଥିଲା ।

### ଧାରପୁର ପଞ୍ଚାୟତରେ ବିଭିନ୍ନ ପ୍ରକଳ୍ପ ଲୋକାର୍ପିତ

**ବରୀ, ୯।୧୧ (ଡି.ଏନ.ଏ.):** ବରୀ ବ୍ଲକ୍ ଧାରପୁର ପଞ୍ଚାୟତର ବିଭିନ୍ନ ପ୍ରକଳ୍ପ ସୋମବାର ବରୀ ବିଧାୟିକା ସୁନନ୍ଦା ଦାସଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ଆମ ଗାଁ ଆମ ବିକାଶ ଯୋଜନାରେ ନିର୍ମାଣ ହୋଇଥିବା ହନୁମାନ ଗୋଷ୍ଠୀ କେନ୍ଦ୍ର, ବିଜୁ ଗୋଷ୍ଠୀ କେନ୍ଦ୍ର, ସରସ୍ୱତୀ ଗୋଷ୍ଠୀ କେନ୍ଦ୍ର, ଦଣ୍ଡୁଆ ହରିଜନ ସାହି ଗୋଷ୍ଠୀ କେନ୍ଦ୍ର, ମଝି ହରିଜନ ସାହି ଗୋଷ୍ଠୀକେନ୍ଦ୍ର ଓ ୩୩ କେଭି ସବ୍‌ଷ୍ଟେଶନ ଆଦି ପ୍ରକଳ୍ପକୁ ବିଧାୟିକା ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଧାରପୁର ସରପଞ୍ଚ ଟି. ରୋଜାଲିନ ଶ୍ୟାନ୍ତି, ଜିଲାପରିଷଦ ସଭ୍ୟ ଅଶୋକ ସାମଲ, ବିଜେଡି ଆବାହକ ଦେବେନ୍ଦ୍ର ଦାସ, ସାହୁପଡା ସରପଞ୍ଚ ସରୋଜିନୀ ପଣ୍ଡା, ସାମାଜିକ କର୍ମୀ ଗୁରୁଚରଣ ଦାସ ପ୍ରମୁଖ ଯୋଗଦେଇଥିଲେ।

### ସାମ୍ବାଦିକ ଫୁକୁ ପଟ୍ଟନାୟକଙ୍କ ପରଲୋକ

**ନୟାଗଡ ଅଫିସ,୯।୧୧:** ନୟାଗଡର ବରିଷ୍ଠ ସାମ୍ବାଦିକ ୭୪ ବର୍ଷିୟ ନିର୍ମଳେନ୍ଦୁ ପ୍ରକାଶ ପଟ୍ଟନାୟକ(ଫୁକୁ)ଙ୍କର ରବିବାର ପରଲୋକ ହୋଇଯାଇଛି। ନୟାଗଡ ପୁରୁଣା ସହର ବଡଦାଣ୍ଡସାହିର ଫୁକୁ ସାମ୍ବାଦିକତା ଜୀବନରେ ବେଶ ଲୋକପ୍ରିୟତା ଅର୍ଜନ କରିଥିଲେ। ତାଙ୍କ ମୃତ୍ୟୁରେ ଜିଲାରେ ଶୋକର ଛାୟା ଖେଳିଯାଇଛି। ଏ ନେଇ ଜିଲା ସାମ୍ବାଦିକ ସଂଘ ପକ୍ଷରୁ ଏକ ଶୋକସଭା ପଠାଣି ସାମନ୍ତ ଅଡିଟୋରିୟମରେ ସୋମବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଥିଲା।

# ଏନ୍‌ଜିଟିରେ ମାମଲା ଖାରଜ

**ଖରସ୍ରୋତାରୁ ଭଦ୍ରକକୁ ପାଣି ଯୋଗାଣ ବିବାଦ**

- ସର୍ବୋଚ୍ଚ ନ୍ୟାୟାଳୟକୁ ଯିବାକୁ ପ୍ରସ୍ତୁତି
- ଭଦ୍ରକ ଜିଲା ନଦୀ ମଧୁର ପାଣି ଯୋଗାଇବାକୁ ଅକ୍ଷମ

**କେନ୍ଦ୍ରାପଡା ଅଫିସ, ୯।୧୧**

ଖରସ୍ରୋତା ନଦୀରୁ ଭଦ୍ରକ ଜିଲାକୁ ପାଣି ଯୋଗାଣକୁ ବିରୋଧ କରି ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ (ଏନ୍‌ଜିଟି)ରେ ମାମଲା ହୋଇଥିଲା। ୪ ତାରିଖରେ ଏନ୍‌ଜିଟିର ଜୁଡିସିଆଲ ମାଜିଷ୍ଟ୍ରେଟ ଏସ. ପି. ୱାଙ୍ଗଡି, ଏକ୍ସପର୍ଟ ମାଜିଷ୍ଟ୍ରେଟ ଶୈବାଳ ଦାସଗୁପ୍ତା ମାମଲାର ଶୁଣାଣି କରି ଖାରଜ କରିଥିଲେ। ଏହି ମେଗା ପାନୀୟ ଜଳ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଜାରି ରଖିବାକୁ ରାୟ ଶୁଣାଇଛନ୍ତି। ଏଥିରେ ତଦନ୍ତ କମିଟିର ରିପୋର୍ଟକୁ ଗୁରୁତ୍ୱ ଦେଇ ପାନୀୟ ଜଳ ଯୋଗାଣ ଦ୍ୱାରା ପରିବେଶ କ୍ଷତି ହେଉ ନ ଥିବା ଦର୍ଶାଇଛନ୍ତି। ରାୟ ପୂର୍ବରୁ ରାଜ୍ୟ ଗ୍ରାମ୍ୟ ଜଳ ଯୋଗାଣ ଓ ପରିବେଶ ବିଭାଗ ମୁଖ୍ୟ ସଚିବ ଓ ବନ (ବନ୍ୟପ୍ରାଣୀ) ବିଭାଗ ମୁଖ୍ୟ ସଂରକ୍ଷକ ତଦନ୍ତ କରି ରିପୋର୍ଟ ଦେବାକୁ କୁହାଯାଇଥିଲା। ରିପୋର୍ଟରେ ଦର୍ଶାଯାଇଥିଲା ଭଦ୍ରକ ଜିଲାର ବୈତରଣୀ, ସାଳନ୍ଦୀ, ମନ୍ତେଇ, କାଂଶବାଂଶ ନଦୀରେ ସବୁବେଳେ ପାଣି ରହୁ ନ ଥିବାରୁ ମେଗା ପାନୀୟ ଜଳ ଯୋଗାଇବାକୁ ଅକ୍ଷମ। ତେଣୁ ଏନ୍‌ଜିଟି ରିପୋର୍ଟରେ ସହମତି ପ୍ରକାଶ କରିଛି। ଅପରପକ୍ଷରେ ଏନ୍‌ଜିଟିରେ ଆବେଦନକାରୀ ସଞ୍ଜୟ ବେହୁରା କହିଛନ୍ତି ଯେ, ଏ ନେଇ ଆମେ ସୁପ୍ରିମକୋର୍ଟର ଦ୍ୱାରସ୍ଥ ହେବୁ। ଖରସ୍ରୋତା ନଦୀ ଜଳ ଭଦ୍ରକକୁ ଯୋଗାଣ ହେଲେ ଜାତୀୟ ଉଦ୍ୟାନ ଭିତରକନିକାର ପରିବେଶ ଓ ସ୍ଥାନୀୟ କୃଷିରେ ସଙ୍କଟ ଆସିବ। ଏଥିପ୍ରତି ଏନ୍‌ଜିଟି ଗୁରୁତ୍ୱ ଦେଇ ନ ଥିବା ସେ ମତବ୍ୟକ୍ତ କରିଛନ୍ତି।

କେନ୍ଦ୍ରାପଡ଼ା ଜିଲା ରାଜକନିକା ବ୍ଲକ ବରୁଣାଡିହା ନିକଟ ଖରସ୍ରୋତାର ଅପରପାର୍ଶ୍ୱ ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ନୂଆହାଟଠାରେ ଏକ ମେଗା ପାନୀୟ ଜଳ ପ୍ରକଳ୍ପ ନିର୍ମାଣାଧୀନ ଅଛି। ଏହି ପ୍ରକଳ୍ପରୁ ଚାନ୍ଦବାଲି, ତିହିଡି, ବାସୁଦେବପୁର ଓ ଧାମନଗରର ୯୧ ପଞ୍ଚାୟତକୁ ପାଇପ ଯୋଗେ ପାନୀୟ ଜଳ ଯୋଗାଣ ହେବ। ୯୮୨ କୋଟି ଟଙ୍କାର ବ୍ୟୟ ବରାଦରେ ନିର୍ମାଣାଧୀନ ପ୍ରକଳ୍ପକୁ ରାଜ୍ୟ ସରକାର ମଞ୍ଜୁରୀ ପ୍ରଦାନ କରିଛନ୍ତି। ତେବେ ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ ଆଗାମୀଦିନରେ କେନ୍ଦ୍ରାପଡ଼ା ଜିଲାର କୃଷି ଓ ଜାତୀୟ ଉଦ୍ୟାନ ଭିତରକନିକାରେ ପରିବେଶ ଧ୍ୱଂସ ପାଇବ। ଏହାକୁ ଦର୍ଶାଇ ସ୍ଥାନୀୟ ଖରସ୍ରୋତା ଅବବାହିକାରେ ଥିବା ଆଳି, ରାଜକନିକା ଓ ରାଜନଗରର ୬୧ ପଞ୍ଚାୟତବାସୀ ଆନ୍ଦୋଳନ ଜାରି ରଖିଛନ୍ତି। ଏଥିସହ ଏନ୍‌ଜିଟିରେ ଏ ନେଇ ଏକ ମାମଲା (୨୩/୨୦) ସଞ୍ଜୟ ଦାଏର କରିଥିଲେ। ସଞ୍ଜୟଙ୍କ ଅଭିଯୋଗ ପରେ ଏନ୍‌ଜିଟି ପକ୍ଷରୁ ଏକ ତଦନ୍ତ କମିଟି ଗଠନ କରାଯାଇ ରିପୋର୍ଟ ପ୍ରଦାନ ପାଇଁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଭଦ୍ରକର ୯୧ ପଞ୍ଚାୟତକୁ ପାନୀୟ ଜଳ ଯୋଗାଣ ପାଇଁ ବିକଳ୍ପ ସ୍ରୋତ ଓ ପରିବେଶ ପ୍ରତି ପ୍ରଭାବ ସମ୍ପର୍କରେ ହୋଇଥିବା ତଦନ୍ତରେ ଦର୍ଶାଯାଇଛି ଯେ, ପ୍ରତି ସେକେଣ୍ଡରେ ଏହି ପ୍ରକଳ୍ପରୁ ୪.୯୩ ଘନ ମିଟର ଜଳ ଉତ୍ତୋଳନ ହେବ। ଏଥିସହ ଜାତୀୟ ଉଦ୍ୟାନ ଭିତରକନିକା ପ୍ରକଳ୍ପଠାରୁ ୧୫ କି.ମି. ଦୂରରେ ଥିବା ଦର୍ଶାଯାଇଛି। ଏହି ରିପୋର୍ଟକୁ ଭିତ୍ତିକରି ଏନ୍‌ଜିଟି ଶୁଣାଇଥିବା ରାୟରେ ସ୍ଥାନୀୟ ଜନସାଧାରଣ ଅସନ୍ତୁଷ୍ଟ ହୋଇଛନ୍ତି। ସେମାନେ ସୁପ୍ରିମକୋର୍ଟ ଯିବା ସହ ଆନ୍ଦୋଳନ ଜାରି ରଖିବେ ବୋଲି କହିଛନ୍ତି।

## ପଞ୍ଚାୟତ କାର୍ଯ୍ୟାଳୟ ଆଗରେ ଗ୍ରାମବାସୀଙ୍କ ଧାରଣା



ପଞ୍ଚାୟତ ଅଫିସ ସମ୍ମୁଖରେ ଧାରଣା ଦେଇଥିବ ଗ୍ରାମବାସୀ।

**ଧର୍ମଶାଳା, ୯।୧୧ (ଡି.ଏନ.ଏ.)**

ବିଭିନ୍ନ ସମସ୍ୟା ସମାଧାନ ଦାବିରେ ଧର୍ମଶାଳା ବ୍ଲକ ପାଖର ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଜାରି ରହିଛି। ଆନ୍ଦୋଳନକାରୀ ଅଭିଯୋଗ କରିଥିଲେ ଯେ, ପଞ୍ଚାୟତର ଜନପ୍ରତିନିଧି ନିର୍ବାଚିତ ହେବା ପରେ ଲୋକମାନଙ୍କ ମୌଳିକ ସମସ୍ୟା ସମାଧାନ କରିବାରେ ବିଫଳ ହୋଇଛନ୍ତି। ଦୀର୍ଘ ଦିନ ହେବ ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ଝୁଲୁଥିବାରୁ ସାଧାରଣ ଲୋକମାନଙ୍କ କାମ ହୋଇପାରୁ ନାହିଁ। ଏପରି କି ପଞ୍ଚାୟତ କର୍ତ୍ତୃପକ୍ଷଙ୍କ ମନମୁଖି କାର୍ଯ୍ୟ ଯୋଗୁ ହିତାଧିକାରୀ ବିଭିନ୍ନ ସରକାରୀ ସୁବିଧାରୁ ବଞ୍ଚିତ ହେଉଛନ୍ତି। ଏହାକୁ ବିରୋଧ କରି ପଞ୍ଚାୟତର ନକୁଳ ପରିଡା, ନବ କିଶୋର ସାମଲ, ପ୍ରଭଞ୍ଜନ ମହାନ୍ତି, କୈଳାସ ପରିଡା, ଶଙ୍କର୍ଷଣ ମଲିକ, ହରିଶ ପରିଡା, ବିଜୟ ଦାସ, ବନବିହାରୀ ବେହେରାଙ୍କ ସମେତ ଶତାଧିକ ଲୋକ ୪ଦିନ ହେଲା ଧାରଣାରେ ବସିରହିଛନ୍ତି। ଏହାକୁ ସମର୍ଥନ ଜଣାଇ ପଞ୍ଚାୟତର ସମିତିସଭ୍ୟ ବନଜିନୀ ପରିଡା ମଧ୍ୟ ଧାରଣାରେ ସାମିଲ ହୋଇଛନ୍ତି। ସମସ୍ୟା ସମାଧାନ ନ ହେବା ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି ଆନ୍ଦୋଳନକାରୀ ଚେତାବନୀ ଦେଇଛନ୍ତି।

## ବ୍ୟାସନଗରରେ ଡକାୟତି ଯୋଜନା ପଣ୍ଡ

**ବନ୍ଧୁକ, ବୋମା ଜବତ, ୫ ଗିରଫ**

**ଯାଜପୁର ରୋଡ,୯।୧୧(ଡି.ଏନ.ଏ.)**





ଗିରଫ ଅଭିଯୁକ୍ତ ଓ ଜବତ ସାମଗ୍ରୀ।

ରବିବାର ବିଳମ୍ବିତ ରାତିରେ ଯାଜପୁରରୋଡ ଥାନା ଅନ୍ତର୍ଗତ ବ୍ୟାସ ସରୋବର ପଡ଼ିଆରେ ଡକାୟତି କରିବାକୁ ଯୋଜନା କରୁଥିବା ଅଭିଯୋଗରେ ପୋଲିସ ୫ ଜଣଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ୨ ବୋମା, ଗୋଟିଏ ବନ୍ଧୁକ, ୩ ଗୁଳି, ୯ ମୋବାଇଲ ଫୋନ, ୨ ବାଇକ, ମାରଣାସ୍ତ୍ର ସହ ବିଭିନ୍ନ ଚୋରି ସାମଗ୍ରୀ ଜବତ କରାଯାଇଛି। ଏନେଇ ଆଇପିସି ଦଫା ୩୯୯, ୪୦୨, ଆର୍ମ୍ସ ଆକ୍ଟ ୨୫ ଓ ଏକ୍ସପ୍ଲୋସିଭ୍ ସବଷ୍ଟାନ୍ସେସ୍ ଆକ୍ଟରେ ଏକ ମାମଲା (ନଂ. ୪୩୭/୨୦) ରୁଜୁ ହୋଇଛି। ଅଭିଯୁକ୍ତମାନେ ହେଲେ ମୁଣ୍ଡୋମାଳ ଗ୍ରାମର ଅଜୟ ମଲ୍ଲିକ(୩୩), କେନ୍ଦ୍ରାପଡ଼ା ଜିଲା ପାଟକୁରାର ସନ୍ତୋଷ କୁମାର ପୃଷ୍ଟି(୪୫), ଗଞ୍ଜାମ ଦିଗପହଣ୍ଡିର ପ୍ରଶାନ୍ତ ନାୟକ(୩୧), କଟକ ନିମାଳର ପ୍ରଶାନ୍ତ ନାୟକ(୩୧) ଓ ଦେବପ୍ରସାଦ ହୋତା(୩୨)। ଚଢ଼ାଉ ସମୟରେ କଟକ ଅଞ୍ଚଳର ରାଜେଶ ମହାପାତ୍ର ଓ ଜଗତ୍‌ସିଂହପୁରର ଲିପୁ ଫେରାର ହେବାରେ ସକ୍ଷମ ହୋଇଛନ୍ତି। ଯାଜପୁରରୋଡ ଏସ୍‌ଡିପିଓ ଚିନ୍ମୟ କୁମାର ନାୟକ କହିଛନ୍ତି, ଅଭିଯୁକ୍ତମାନଙ୍କୁ ସୋମବାର କୋର୍ଟଚାଲାଣ କରାଯାଇଥିବାବେଳେ ଫେରାର ଅଭିଯୁକ୍ତମାନଙ୍କୁ ଧରିବାକୁ ଉଦ୍ୟମ ଜାରି ରହିଛି।

ସୂଚନାଥାଉ କି, ଯାଜପୁରରୋଡ ଥାନା ପୋଲିସ ଦ୍ୱାରା ଗତ ୩ ମାସ ମଧ୍ୟରେ ୩ ଡକାୟତି ଯୋଜନା ପଣ୍ଡ ହୋଇଥିବାବେଳେ ଗତ ୨୧ ତାରିଖରେ ସ୍ଥାନୀୟ ଯୋଗୀସାହିରେ ହୋଇଥିଲା ଡକାୟତି। ଏହି ଘଟଣାରେ ଯାଜପୁରରୋଡ ଥାନାରେ ଆଇପିସି ଦଫା ୪୫୭, ୩୯୫, ଆର୍ମ୍ସ ଆକ୍ଟ ୨୫, ୨୭ ଅନୁଯାୟୀ ମାମଲା (ନଂ. ୪୧୨/୨୦) ରୁଜୁ ହୋଇଛି। ଉପରୋକ୍ତ ୫ ଅଭିଯୁକ୍ତଙ୍କ ମଧ୍ୟରୁ ଦେବପ୍ରସାଦଙ୍କୁ ଛାଡ଼ି ଅନ୍ୟ ୪ ଅଭିଯୁକ୍ତ ଯୋଗୀସାହି ଡକାୟତି ଘଟଣାରେ ସମ୍ପୃକ୍ତ ଥିବା ପୋଲିସ ତଦନ୍ତରୁ ଜାଣିବାକୁ ପାଇଛି।

## ୧୪ ବାଲି ବୋଝେଇ ହାଇୱା ଜବତ

**କୁଜଙ୍ଗ,୯।୧୧(ଡି.ଏନ୍.ଏ.)**

କୁଜଙ୍ଗ ଥାନା ଛକରେ ସୋମବାର ସନ୍ଧ୍ୟାରେ ଚଢ଼ାଉ କରାଯାଇ ବେଆଇନ ବାଲି ଚାଲାଣ କରୁଥିବା ୧୪ ହାଇୱାକୁ ଜବତ କରାଯାଇଛି। ପାରାଦୀପ ଆଡକୁ ଏହି ହାଇୱାଗୁଡ଼ିକ ଯାଉଥିବା ବେଳେ ତହସିଲଦାର ସ୍ମୃତିପ୍ରଜ୍ଞା ପ୍ରିୟଦର୍ଶିନୀ ଓ ଅତିରିକ୍ତ ତହସିଲଦାର ଦିଲୀପ କୁମାର ନାୟକ ଗାଡ଼ିଗୁଡ଼ିକୁ ଅଟକାଇ କାଗଜପତ୍ର ମାଗିଥିଲେ। ମାତ୍ର ଚାଳକମାନେ ବେଆଇନ କାଗଜପତ୍ର ଦେଖାଇବାରୁ ତହସିଲଦାରଙ୍କ ନିର୍ଦ୍ଦେଶକ୍ରମେ କୁଜଙ୍ଗ ପୋଲିସ ସେଗୁଡ଼ିକୁ ଜବତ କରିଛି। ଏଥିସହ ଡ୍ରାଇଭରମାନଙ୍କୁ ଥାନାରେ ଅଟକ ରଖାଯାଇଛି । ରିପୋର୍ଟ ଲେଖାହେବା ବେଳକୁ ଏନେଇ ଥାନାରେ କୌଣସି ମାମଲା ରୁଜୁ ହୋଇ ନ ଥିଲା।

## ଜିଲାପାଳଙ୍କୁ ଭେଟିଲା ଟ୍ରକ୍ ମାଲିକ ସଂଘ

**କାଳିଆପାଣି,୯।୧୧(ଡି.ଏନ.ଏ.)**

ଯାଜପୁର ଜିଲାର ଖଣି ଅଞ୍ଚଳରେ କ୍ରୋମାଇଟ ପରିବହନକୁ ନେଇ ସମସ୍ୟା ଲାଗିରହିଛି। ଏହାକୁ ନେଇ ସେପ୍ଟେମ୍ବର ୪ରେ ଏଡିଏମ୍ କଳିଙ୍ଗନଗରଙ୍କ ଅଧ୍ୟକ୍ଷତାରେ କୁହିକା ଟ୍ରକ ମାଲିକ ସଂଘ ସମେତ ଜିଲାର ବହୁ ଟ୍ରକ ମାଲିକ ସଂଘ କର୍ମକର୍ତ୍ତାଙ୍କୁ ନେଇ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ସରକାରୀ ବିଜ୍ଞପ୍ତି ପ୍ରାପ୍ତ ଭଡ଼ା ପ୍ରଦାନ, ଗାଡ଼ି ଲୋଡ଼ିଂ ସମୟରେ ଚାଲାଣ ଉପରେ ଭଡ଼ା ଦର ଲେଖିବା, ଚାଲାଣ ଦାଖଲର ୧୫ଦିନ ଭିତରେ ଭଡ଼ା ପ୍ରଦାନ କରିବା ନେଇ ନିଷ୍ପତ୍ତି ହୋଇଥିଲା। ଏହା କାର୍ଯ୍ୟକାରୀ ହେଉ ନ ଥିବାରୁ ଏହାର ସମାଧାନ ପାଇଁ କୁହିକା ଟ୍ରକ ମାଲିକ ସଂଘ ସଭାପତି ବିଶ୍ୱଜିତ ରାଜ, ସମ୍ପାଦକ ଅରୁଣ ପରିଡ଼ା, ଉପସଭାପତି ରଞ୍ଜନ ନାୟକ, ଖଣି ପ୍ରଭାବିତ ଟ୍ରକ୍ ମାଲିକ ସଂଘ ସଭ୍ୟ ଶୁଭ୍ରାଂଶୁ ସାମଲ, ମାନସ ଭଞ୍ଜ, ଜଗଦୀଶ ମହାନ୍ତ, ଡୁବୁରୀ ଟ୍ରକ ମାଲିକ ସଂଘର ସୁଦର୍ଶନ ପାତ୍ର, ଚଣ୍ଡିଖୋଲ ଟ୍ରକ ମାଲିକ ସଂଘର ଏକ ପ୍ରତିନିଧି ଦଳ ସୋମବାର ଜିଲାପାଳଙ୍କୁ ଭେଟି ଆଲୋଚନା କରିଥିଲେ।

## ସାବତ ମା, ଭଉଣୀଙ୍କୁ ମାଡ଼ମାରି ପୁଅ ଗିରଫ

**ସମ୍ପତ୍ତି ପାଇଁ ପାରିବାରିକ ହିଂସା**

**ପାରାଦୀପ,୯।୧୧(ସ୍ୱ.ପ୍ର.)**

ପାରାଦୀପରେ ସୋମବାର ସମ୍ପତ୍ତିକୁ କେନ୍ଦ୍ରକରି ପାରିବାରିକ ହିଂସା ଘଟିଛି। ସାବତ ମା' ଓ ଭଉଣୀଙ୍କୁ ମାଡ଼ ମାରିବା ଅଭିଯୋଗରେ ପୁଅଙ୍କୁ ପାରାଦୀପ ଆଦର୍ଶଥାନା ପୋଲିସ ଗିରଫ କରିଛି। ଅଭିଯୁକ୍ତ ହେଲେ ପାରଦୀପ ମଧୁବନସ୍ଥିତ ହାଉସିଂବୋର୍ଡ କଲୋନୀର ଭଗବାନ ମହାପାତ୍ରଙ୍କ ପୁଅ ବିଜୟ ଭାରତ(୨୭)। ଥାନାରେ ତାଙ୍କ ସାବତ ମା'କରିଥିବା ଅଭିଯୋଗ ଅନୁସାରେ, ଭଗବାନଙ୍କ ପ୍ରଥମ ସ୍ତ୍ରୀଙ୍କ ପୁଅ ହେଲେ ବିଜୟ। ପ୍ରଥମ ସ୍ତ୍ରୀଙ୍କ ଦେହାନ୍ତ ପରେ ଭଗବାନ ତାଙ୍କୁ ୨ୟ ବିବାହ କରିଥିଲେ। ତାଙ୍କର ୨ ଝିଅ ଥିବା ବେଳେ ଭଗବାନଙ୍କ କନଷ୍ଟ୍ରକସନ୍ କମ୍ପାନୀରେ ଏମ୍‌ଡି ହେଲେ ବିଜୟ। ଝିଅ ନାଁରେ ସମ୍ପତ୍ତି କରିବାକୁ କେନ୍ଦ୍ରକରି ବିଜୟ ଓ ସାବତ ମା'ଙ୍କ ମଧ୍ୟରେ ପୂର୍ବରୁ ବିବାଦ ଲାଗି ରହିଥିଲା। ଏହି ଘଟଣାକୁ ନେଇ ବିଜୟ ଉତ୍‌କ୍ଷିପ୍ତ ହୋଇ ସାବତ ମା'ଓ ଭଉଣୀଙ୍କୁ ଆକ୍ରମଣ କରିଥିଲେ। ଏପରିକି ବିଜୟ ତାଙ୍କ ଲାଇସେନ୍ସ ପ୍ରାପ୍ତ ବନ୍ଧୁକରେ ଉଭୟଙ୍କୁ ମାରିବା ପାଇଁ ଉଦ୍ୟମ କରିଥିଲେ ବୋଲି ଭଗବାନଙ୍କ ସ୍ତ୍ରୀ ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି। ଏନେଇ ଥାନାରେ ଅଭିଯୋଗ ହେବାପରେ ମାମଲା(ନଂ.୧୭୨/୨୦)ରୁଜୁ ହୋଇଛି। ମଙ୍ଗଳବାର ବିଜୟଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ପୋଲିସ କହିଛି।

## ଜାତୀୟ ଆଇନସେବା ଦିବସ

**ଜଗତ୍‌ସିଂହପୁର ଅଫିସ, ୯।୧୧**

ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଅନ୍‌ଲାଇନ୍ ମାଧ୍ୟମରେ ସୋମବାର ଜାତୀୟ ଆଇନସେବା ଦିବସ ପାଳିତ ହୋଇଯାଇଛି। ପ୍ରାଧିକରଣ ସଚିବ କମଳାକାନ୍ତ ରାଉତ ଅନ୍‌ଲାଇନ ମାଧ୍ୟମରେ ଆଇନଜୀବୀ, ପାରାଲିଗାଲ ସ୍ୱେଚ୍ଛାସେବୀଙ୍କ ସହ ଦିବସର ମହତ୍ତ୍ୱ ବିଷୟରେ ଆଲୋଚନା କରିଛନ୍ତି। ସେ କହିଥିଲେ, ୧୯୮୭ରେ ଆଇନସେବା ପ୍ରାଧିକରଣ ଅଧିନିୟମ ପ୍ରଣୟନ କରାଯାଇଥିଲା। ୯ ନଭେମ୍ବର ୧୯୯୫ରେ ଏହାକୁ କାର୍ଯ୍ୟକାରୀ କରାଯାଇଥିଲା । ସେବେଠାରୁ ପ୍ରତିବର୍ଷ ଏହି ଦିବସ ପାଳନ କରାଯାଉଛି। ଦେଶର ଗରିବ ନିଷ୍ପେଷିତ ଲୋକଙ୍କୁ ନ୍ୟାୟ ଦେବା ପାଇଁ ଏହି ଆଇନ ଜରିଆରେ ମାଗଣାରେ ଆଇନସେବା ଯୋଗାଇ ଦିଆଯାଉଛି।

## ରାସ୍ତା ନିର୍ମାଣ କଲେ ହାଟସାହି ଚାଷୀ

**ରାଜକନିକା ,୯।୧୧(ଡି.ଏନ.ଏ.)**



ବୋଦାମାହାରାରୁ ଷୋହଳ ନାଳ ପର୍ଯ୍ୟନ୍ତ ରାସ୍ତାକୁ ଯୁବକମାନେ ନିର୍ମାଣ କରୁଛନ୍ତି।

ରାଜକନିକା ବ୍ଲକ ଅଧୀନ ହାଟସାହି ଗ୍ରାମର ଚାଷୀମାନେ ବିଲବାଡିକୁ ଯିବାକୁ ରାସ୍ତା ନିର୍ମାଣ କରିବାକୁ ରାଜକନିକା ବ୍ଲକ ପ୍ରଶାସନ ନିକଟରେ ବରମ୍ବାର ଗୁହାରି କଲେ ମଧ୍ୟ ଶୁଣିଲେ ନାହିଁ। ସେହିପରି ହାଟସାହି ପଞ୍ଚାୟତର ସରପଞ୍ଚଙ୍କୁ ମଧ୍ୟ

**ବ୍ଲକ ପ୍ରଶାସନର ଅବହେଳା**

ସେମାନେ କହିଥିଲେ। ହେଲେ କିଛି ସୁଫଳ ମିଳିଲା ନାହିଁ। ତେଣୁ ପ୍ରଶାସନର ଚରମ ଅବହେଳାକୁ ଦାୟୀ କରି ହାଟସାହିର ଯୁବ ଚାଷୀମାନେ ସଙ୍ଗଠିତ ହୋଇ ସଭା କରିଥିଲେ। ସେମାନେ ଚାନ୍ଦା ଆଦାୟ କରି ସୋମବାର ରାସ୍ତା ନିର୍ମାଣ କରି ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି। ସେମାନେ ବୋଦାମାହାରାରୁ ଷୋହଳ ନାଳ ପର୍ଯ୍ୟନ୍ତ ପ୍ରାୟ ୩ କି.ମି.ରୁ ଊର୍ଦ୍ଧ୍ୱ ରାସ୍ତା ନିର୍ମାଣ କରିଛନ୍ତି। ତେବେ ବିଲବାଡିକୁ ଚାଷୀମାନେ ଯିବା ବେଳେ ରାସ୍ତାରେ ଶୋଇଥିବା ବିଷଧର ସାପ କାମୁଡାରେ ଗୁରୁତର ହୋଇ ଡାକ୍ତରଖାନା ଯାଉଥିଲେ। ସେମାନଙ୍କୁ ବହୁ ଖର୍ଚ୍ଚାନ୍ତ ହେବାକୁ ପଡୁଥିଲା। ସାପ ଭୟରେ ଏହି ରାସ୍ତାରେ ଯିବାକୁ ଲୋକେ ଭୟ କରୁଥିଲେ। ଏହି ରାସ୍ତାରେ ଅନାବନା ଗଛରୁ ଜଙ୍ଗଲ ସୃଷ୍ଟି ହୋଇଥିଲା। ମେଶିନ ଲଗାଇ ଜଙ୍ଗଲକୁ ସଫା କରି ରାସ୍ତାକୁ ଚଉଡା କରିଥିଲେ। ପରେ ଯୁବକମାନେ ସଙ୍ଗଠିତ ହୋଇ ମାଟି ପକାଇ ରାସ୍ତା ନିର୍ମାଣ କରିଛନ୍ତି। ସେହିପରି ରାସ୍ତା ନିକଟରେ ଥିବା ନାଳରେ ଦଳ ଭର୍ତ୍ତି ହୋଇ ବିଷଧର ସାପମାନଙ୍କ ଆବାସସ୍ଥଳ ପାଲଟିଛି। ଏହାକୁ ସଫା କରିବାକୁ ରାଜକନିକା ବିଡିଓଙ୍କୁ କହିଲେ ମଧ୍ୟ ସୁଫଳ ମିଳୁନାହିଁ। ଏହି କାର୍ଯ୍ୟରେ ଆର୍ତ୍ତତ୍ରାଣ ପଡିଆରୀ, ନିରାକାର ବେଉରିଆ, ଦର୍ପନାରାୟଣ ନାୟକ, ଦେବଦାସ ବିଶ୍ୱାଳ, ବିଶ୍ୱଜିତ ନାୟକ, ଗୋଲେଖ ପଡିଆରି, ଅନନ୍ତ ବଳ, କୈଳାସ ଚନ୍ଦ୍ର ରାଉତ, ପ୍ରମୁଖ ସାମିଲ ହୋଇଥିଲେ। ଯୁବକମାନଙ୍କର ଏହି କାର୍ଯ୍ୟ ଦେଖି ଗ୍ରାମବାସୀ ସେମାନଙ୍କୁ ପ୍ରଶଂସା କରିଛନ୍ତି।

## ଓସ୍ତପାଳ ଗ୍ରାମରେ ପାନୀୟଜଳ ସଙ୍କଟ

**କାଳିଆପାଣି,୯।୧୧(ଡି.ଏନ.ଏ.)**

ସୁକିନ୍ଦା ବ୍ଲକ ଓସ୍ତପାଳ ଗ୍ରାମରେ ଏବେ ପାନୀୟଜଳ ସଙ୍କଟ ଦେଖାଦେଇଛି। କଅଁସ ପଞ୍ଚାୟତ ଓସ୍ତପାଳ ଗ୍ରାମରେ ୫୦ରୁ ଊର୍ଦ୍ଧ୍ୱ ପରିବାର ବସବାସ କରୁଛନ୍ତି। ଖଣି ଅଞ୍ଚଳରେ ଥିବା ଗ୍ରାମରେ ଏକମାତ୍ର ନଳକୂପ ଥିଲେ ହେଁ ସେଥିରୁ ବାହାରୁଥିବା ପାଣି ପାନୀୟ ଉପଯୋଗୀ ହେଉନାହିଁ। ଏହାକୁ ଦୃଷ୍ଟିରେ ରଖି ଆଇଡ଼ିସି ଖଣି ପକ୍ଷରୁ ପାନୀୟ ଜଳ ଯୋଗାଣ କରାଯାଉଥିଲା। ହେଲେ ଏବେ ଖଣି ବନ୍ଦ ଥିବାରୁ ଲୋକେ ପାଣିମୁନ୍ଦେ ପାଇପାରୁ ନାହାନ୍ତି। ଏ ନେଇ ଗ୍ରାମବାସୀ ସ୍ଥାନୀୟ ସରପଞ୍ଚଙ୍କୁ ଅଭିଯୋଗ କରିବା ପରେ ସେ ଖରାପ ଥିବା ନଳକୂପ ମରାମତି କରିଦେଇଥିଲେ। ତେବେ ଏଥିରୁ କାଦୁଅ ପାଣି ବାହାରୁଛି। ବିକଳ୍ପ ନ ଥିବାରୁ ଲୋକେ ନାଳ ଓ କୂଆ ପାଣି ପିଇ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛନ୍ତି। ଏ ନେଇ ସ୍ଥାନୀୟ ସରପଞ୍ଚ ରବୀନ୍ଦ୍ର ସାହୁ କହନ୍ତି, ନଳକୂପରେ ଭଲ ପାଣି ଆସୁ ନ ଥିବା ଖବର ପାଇଛି। ଯେପରି ସ୍ୱଚ୍ଛ ପାନୀୟଜଳ ମିଳିବ ସେଥିପାଇଁ ଆମେ ଚେଷ୍ଟା କରୁଛୁ।



ନଳକୂପରୁ କାଦୁଅମିଶା ପାଣି ବାହାରୁଛି।

## ନୀଳାଚଳ ବିସ୍ଥାପିତଙ୍କୁ ମିଳିବ ଜମିପଟ୍ଟା

**ବୈଠକରୁ ଇଡ୍‌କୋ ଅଧିକାରୀଙ୍କୁ ବିଦାକଲେ ଜିଲାପାଳ**

**କଳିଙ୍ଗନଗର,୯।୧୧(ଡି.ଏନ.ଏ.)**

କଳିଙ୍ଗନଗର ଶିଳ୍ପାନୁଷ୍ଠାନ ପାଇଁ ବିସ୍ଥାପିତ ହୋଇଥିବା ପରିବାରବର୍ଗଙ୍କୁ ଥଇଥାନ ଲାଗି ଯାଜପୁର ପ୍ରଶାସନ ପ୍ରକ୍ରିୟା ଆରମ୍ଭ କରିଛି। ନୀଳାଚଳ ଇସ୍ପାତ ନିଗମ ଲାଗି ୧୯୯୨ରେ ବିସ୍ଥାପିତ ହୋଇଥିବା ଖୁରୁଣ୍ଟି ଗାଁର ୫୮ ପରିବାରକୁ 'ବସୁନ୍ଧରା' ଯୋଜନାରେ ଜମି ପଟ୍ଟା ପ୍ରଦାନ କରାଯିବ। ସେହିଭଳି ମେସ୍କୋ, ଭିସା, ଜିନ୍ଦଲ ଏବଂ ଟାଟା ଆଦି ଶିଳ୍ପାନୁଷ୍ଠାନ ପାଇଁ ବିସ୍ଥାପିତଙ୍କ ନିମିତ୍ତ ତ୍ରିଜଙ୍ଗା ଥଇଥାନ କଲୋନୀର ରକ୍ଷଣାବେକ୍ଷଣ ଦାୟିତ୍ୱ ଦାନଗଦୀ ବ୍ଲକକୁ ହସ୍ତାନ୍ତର କରିଛନ୍ତି ଯାଜପୁର ଜିଲାପାଳ।

କଳିଙ୍ଗନଗର ବିସ୍ଥାପିତଙ୍କ ବିଭିନ୍ନ ସମସ୍ୟା ସମାଧାନ ସମ୍ପର୍କରେ ବିଧାୟକ ପ୍ରୀତିରଞ୍ଜନ ଘଡ଼ାଇଙ୍କ ଅଧ୍ୟକ୍ଷତାରେ ଜେସିଡିଏଲ୍ ସଭାଗୃହରେ ସୋମବାର ବୈଠକ ବସିଥିଲା। ଦୀର୍ଘ ୧୫ବର୍ଷ ହେବ ନୀଳାଚଳ ଇସ୍ପାତରେ ଠିକାରେ କାମ କରୁଥିବା ଖୁରୁଣ୍ଟି ଗାଁର ୪୦ ଜଣଙ୍କୁ ସ୍ଥାୟୀ ନିଯୁକ୍ତି ସମ୍ପର୍କରେ ଆଲୋଚନା ହୋଇଛି। ଅନ୍ୟପକ୍ଷରେ ଓରିଅନ୍ ପକ୍ଷରୁ ଜମି ଅଧିଗ୍ରହଣ ହେବ। ସେଥିପାଇଁ ଖୁରୁଣ୍ଟି ଗାଁର ଲୋକେ ଜମି ଛାଡିବେ। ସେହିଭଳି ବାରଗଡ଼ିଆ ହରିଜନ ସାହିର ମୂଳନିବାସୀ ୨୭୨ପରିବାରଙ୍କୁ ବିସ୍ଥାପିତ କରି ଟାଟା ପାଇଁ ଜମି ଅଧିଗ୍ରହଣ ଇଡ୍‌କୋ କରିବ। ତେବେ ବର୍ତ୍ତମାନ ସେଠାରେ ରହୁଥିବା ୫୦୬ ପରିବାରକୁ ବିଶ୍ୱାସକୁ ନେଇ ଜମି ଅଧିଗ୍ରହଣ କାର୍ଯ୍ୟ କରିବାକୁ କଳିଙ୍ଗନଗର ଏଡିଏମ୍ ସନ୍ତୋଷ ମିଶ୍ରଙ୍କୁ ଦାୟିତ୍ୱ ଦିଆଯାଇଛି। ଅନ୍ୟପକ୍ଷରେ ଶିଳ୍ପାନୁଷ୍ଠାନ ପାଇଁ ଲୋକମାନେ ନିଜ ଭିଟାମାଟି ଛାଡୁଛନ୍ତି। ବିଗତ ଦିନରେ ଇଡ୍‌କୋ ୨୫ହଜାର ଏକର ଜମି ଅଧିଗ୍ରହଣ କରିଥିଲେ ମଧ୍ୟ ଏଯାଏଁ ୭ହଜାର ଏକର ଜମି ବ୍ୟବହାର କରିନାହିଁ। ଏପରି କି ଇଡ୍‌କୋ ଅଧିକାରୀ ବିସ୍ଥାପିତଙ୍କର କୌଣସି ସମସ୍ୟାକୁ କର୍ଣ୍ଣପାତ କରୁ ନ ଥିବା ଅଭିଯୋଗ ହୋଇଆସୁଛି। ଅନ୍ୟପଟେ ସୋମବାର ଅନୁଷ୍ଠିତ ବୈଠକକୁ ଇଡ୍‌କୋର ସିଜିଏମ୍ ଆସି ନ ଥିଲେ। ଏହାକୁ ଭିନ୍ନ ଦୃଷ୍ଟିରେ ଦେଖିବା ସହ ଇଡ୍‌କୋର ଆଞ୍ଚଳିକ ଅଧିକାରୀ ସୁମିତ୍ରା ପଟ୍ଟନାୟକ ଓ ଏମ୍.ବି.ଏସ୍. ଗିରିଙ୍କୁ ବୈଠକରୁ ବାହାରିଯିବା ପାଇଁ କହିଥିଲେ ଜିଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋର।

ତେବେ ଜଙ୍ଗଲ ଜମି ଅଧିକାର ଆଇନ ବଳରେ ସରକାରୀ ଜମିରେରହୁଥିବା ସୁକିନ୍ଦା ଓ ଦାନଗଦିର ୨୮ ପରିବାରକୁ ଜମି ପଟ୍ଟା ପ୍ରଦାନ କରାଯିବ। ବୈଠକରେ ଉପସ୍ଥିତ ଥିବା ଉଭୟ ବ୍ଲକର ତହସିଲଦାରଙ୍କୁ ଏହି କାର୍ଯ୍ୟ ଶେଷ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏତଦ୍‌ବ୍ୟତୀତ ଓଡ଼ିଶା ଖଣିଜ ପ୍ରଭାବିତ ବିକାଶ ପାଣ୍ଠିର ଅର୍ଥକୁ ଡିସେମ୍ବର ସୁଦ୍ଧା ଖର୍ଚ୍ଚ କରିବାକୁ ଦାନଗଦି ଓ ସୁକିନ୍ଦା ବିଡିଓଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବୈଠକ ପୂର୍ବରୁ ବିଧାୟକ ଓ ଜିଲାପାଳ କଳିଙ୍ଗନଗରର ବିଭିନ୍ନ ଅଞ୍ଚଳ ଅନୁଧ୍ୟାନ କରିଥିଲେ। ବୈଠକରେ ଜେସିଡିଏଲ୍‌ର ମୁଖ୍ୟ ଅଧିକାରୀ ବି.ବି. ଦାସ, କଳିଙ୍ଗନଗର ଅତିରିକ୍ତ ଏସ୍‌ପି ଓ ସୁକିନ୍ଦା ବ୍ଲକ ଅଧ୍ୟକ୍ଷା ପଦ୍ମାବତୀ ଯେନା ପ୍ରମୁଖ ଉପସ୍ଥିତ ଥିଲେ।

